# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11 October - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ଶକ୍ତିପୀଠଗୁଡ଼ିକରେ ଜଗତ୍‌ଜନନୀ ମା' ଦୁର୍ଗାଙ୍କର ରୀତିନୀତିରେ ଚାଲିଛି ନବମୀ ପୂଜା
- ଚଳିତବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ଜାପାନ୍‌ର ନିହୋନ୍ ହିଡାନ୍‌କ୍ୟୁ ସଂଗଠନ ମନୋନୀତ
- ଟାଟା ସନ୍ସର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଲେ ନୋଏଲ୍ ଟାଟା

ଏବଂ

- ଲିଙ୍ଗଗତ ସମାନତା ଏବଂ କନ୍ୟା ସନ୍ତାନକୁ ସମାନ ସୁଯୋଗ ଦେବା ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ବାଳିକା ଦିବସ

# ନବରାତ୍ର ପୂଜା

ଆଦ୍ୟାଶକ୍ତି, ଜଗଦ୍ଧାତ୍ରୀ, ଜଗତ୍‌ଜନନୀ ମା' ଦୁର୍ଗାଙ୍କର ଆଗମନରେ ପୁରପଲ୍ଲୀ ଆଜି ଉତ୍ସବ ମୁଖରିତ ହୋଇଉଠିଛି। ଦୁର୍ଗତୀନାଶିନୀଙ୍କ ଆବାହନରେ ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ନବମୀ ପୂଜା ଚାଲିଛି । ଘଣ୍ଟଘଣ୍ଟା ଓ ଶଙ୍ଖ ଧ୍ୱନିରେ  ପୂଜା ମଣ୍ଡପଗୁଡ଼ିକରେ ମା'ଙ୍କ ଆଜି ଅଷ୍ଟମୀରେ ସନ୍ଧିପୂଜା ଅନୁଷ୍ଠିତ ହେଉଛି। କଟକ ସହରରେ ଚାନ୍ଦିମେଢ଼ ସଂଖ୍ୟା ୩୪କୁ ମିଶାଇ ମୋଟ୍ ୧୭୦ଟି ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ପୂଜାର୍ଚ୍ଚନା କରାଯାଉଛି।

ଭୁବନେଶ୍ୱରରେ ବିଭିନ୍ନ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କର ଭିଡ ବଢ଼ିବାରେ ଲାଗିଛି। ସୁଉଚ୍ଚ ତୋରଣ ସହିତ ଆଲୋକସଜ୍ଜା ବେଶ୍ ଆକର୍ଷଣୀୟ ହୋଇଛି। **ଭଦ୍ରକ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଦେବୀ ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ଶୋଭା ପାଉଛି। ନୀଳକଣ୍ଠପୁର ସନ୍ଥୁଆ ଗ୍ରାମରେ ମହିଳାମାନେ ମୁଣ୍ଡରେ ଝୁଣାଦାନୀ ଲଗାଇ ମା'ଙ୍କୁ ସମର୍ପିତ କରିଛନ୍ତି। **ବୌଦ୍ଧ** ଜିଲ୍ଲା କଣ୍ଟାବାଡ ବ୍ଲକର ଘଣ୍ଟାପଡା ଗ୍ରାମରେ ଦୁର୍ଗୋତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଉଛି। ୫ ଦିନ ଧରି ହେବାକୁଥିବା ରାବଣ ଦରବାର ଗତକାଲି ରାତିରେ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ରାମାୟଣର ବିଭିନ୍ନ ଅଂଶକୁ କଳାକାରମାନେ ମଞ୍ଚସ୍ଥ କରିଥିଲେ।  ଐତିହାସିକ ଶକ୍ତିପୀଠ ପୁରୁଣାକଟକର ମା' ଭୈରବୀଙ୍କ ନିକଟରେ ଆଜି ନବାନ୍ନ ଲାଗି କରାଯାଇଥିଲା।

୧୬ ଦିନର ଗୁପ୍ତ ପୂଜା ପରେ ଆଜି ମା' ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ସେହିଭଳି ଗୁଡ୍‌ଭେଲି ପଦରଠାରେ ମା' ସମଲେଶ୍ୱରୀଙ୍କ ବାଡିଯାତ୍ରା ଯାଦବ ସମ୍ପ୍ରଦାୟର ଭକ୍ତମାନଙ୍କ ଦ୍ୱାରା ପାଳିତ ହୋଇଛି। **ଝାରସୁଗୁଡ଼ା** ରେ ପାର୍ବଣ

ସମୟରେ ସାଧାରଣ ଲୋକଙ୍କ ଯାତାୟାତ ସୁରକ୍ଷା  ଦୃଷ୍ଟିରୁ ଟ୍ରାଫିକ୍ ନିୟନ୍ତ୍ରଣକୁ କଡାକଡି କରାଯାଇଛି। **ନୟାଗଡ଼** ଜିଲ୍ଲାର ବିଭିନ୍ନ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କର ଭିଡ ପରିଲକ୍ଷିତ ହୋଇଛି। ରଣପୁରର ମଣିନାଗ, ପଥର ଚକଡାର ନାରାୟଣୀ, ବାହାଡର ବାହାଡାଶୁଣୀ ଏବଂ ଉମାଦେବୀ, ବନଦୁର୍ଗା ଓ ଖିଲାମୁଣ୍ଡାଙ୍କ ପୀଠରେ ଆଜି ମହାନବମୀ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳିତ ହୋଇଛି। **ସୁବର୍ଣ୍ଣପୁର**ର ସୁରେଶ୍ୱରୀ ମହିଷାମର୍ଦ୍ଦିନୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ୭୭ଟି ପୂଜାମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ଶୋଭାପାଉଛି।

ରାଜ୍ୟର ସମସ୍ତ ଦେବୀପୀଠ ଏବଂ ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳୁଛି। **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଆଜି ରାଜଧାନୀର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିବା ସହ ମା'ଙ୍କ ଦର୍ଶନ କରିଛନ୍ତି।

ଶାରଦୀୟ ଦୁର୍ଗା ପୂଜା ଅବସରରେ ରାଜ୍ୟ ସରକାର ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ଦୁର୍ଗାପୂଜା ମଣ୍ଡପଗୁଡ଼ିକରୁ ଆଦାୟ ହେଉଥିବା ଟିକସ ଛାଡ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ସରକାର ଏହି ପଦକ୍ଷେପ ନେଇଛନ୍ତି।

## ନବରାତ୍ରୀ ପୂଜା-କଟକ

ଆଦ୍ୟାଶକ୍ତି, ଜଗଦ୍ଧାତ୍ରୀ, ଜଗତ୍‌ଜନନୀ ମା' ଦୁର୍ଗାଙ୍କର ଆଗମନରେ କଟକ ସହର ଉତ୍ସବମୁଖର ହୋଇଉଠିଛି। ଅଷ୍ଟମୀରେ ପୂଜାମଣ୍ଡପଗୁଡ଼ିକରେ

ମା’ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରି ସାନିଧ ଲାଭ କରିବା ପାଇଁ ଭକ୍ତଙ୍କ ଭିଡ ପରିଲକ୍ଷିତ ହେଉଛି।

ଚଳିତବର୍ଷ ସହରର ୧୭୦ଟି ପୂଜାମଣ୍ଡପରେ ମହାମାୟାଙ୍କ ଆରାଧନା କରାଯାଉଛି। ଐତିହାସିକ କଟକ ସହରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ହୋମଯଜ୍ଞ ସମେତ ଘଣ୍ଟଘଣ୍ଟା ହୂଳହୂଳିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

ଏଥିସହିତ ମା’ କଟକଚଣ୍ଡୀ, ଗଡଚଣ୍ଡୀ, ଚର୍ଚ୍ଚିକା ଓ ଭଣ୍ଡାରିକା, ବିଡାନାସୀର ମାଆ ଭୁଆସୁଣୀ, ପିଠାପୁରର ଧାକୁଲାଇ, ଝାଞ୍ଜିରୀମଙ୍ଗଳା ଓ ଚାଉଳିଆଗଞ୍ଜର ମା’ ମଙ୍ଗଳା, ମଙ୍ଗଳବାଗର ବାସନ୍ତୀଦୁର୍ଗାଙ୍କ ପୀଠଗୁଡ଼ିକରେ ଷୋଡଶ ଉପଚାର ପୂଜା ସାଙ୍ଗକୁ ଷୋଳ ଦିନରେ ଷୋଳ ପ୍ରକାର ବେଶରେ ସୁସଜ୍ଜିତ କରାଯାଇଛି।

ବିନୋଦବିହାରୀ ବାଲୁବଜାର ପୂଜାମଣ୍ଡପର ଦୂର୍ଗା ମହୋତ୍ସବ ସମ୍ଭବତଃ ୧୫୦୯ କିମ୍ବା ୧୫୧୦ରେ ପ୍ରଭୁ ଶ୍ରୀଚୈତନ୍ୟଦେବ ପୁରୀ ଯିବା ସମୟରେ ଶତରକାଳୀନ ଦୁର୍ଗାଉତ୍ସବ ପଡିବାରୁ ଶ୍ରୀଚୈତନ୍ୟ ମହାପ୍ରଭୁ ନିଜ ହାତରେ ମାଆଙ୍କର ମୂର୍ତ୍ତି ଗଢ଼ି ଦୁର୍ଗାପୂଜା ଆରମ୍ଭ କରିଥିଲେ। ବକ୍ସିବଜାରର ସର୍ପାଦୁର୍ଗା ପୂଜାମଣ୍ଡପ ୨୭୨ ବର୍ଷର ପୁରୁଣା। ଅନ୍ୟତମ ପୁରୁଣା ପୂଜା ପ୍ରତିଷ୍ଠାନ ଭାବେ ୧୮୭୨ ମସିହାରେ ଚୌଧୁରୀ ବଜାର ଅଂଚଳରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା।

ପ୍ରଥମଥର ପାଇଁ କଟକ ସହରରେ ୧୯୫୫ ମସିହାରେ ଡକ୍ଟର ହରେକୃଷ୍ଣ ମହତାବ ଚୌଧୁରୀ ବଜାର ଚାନ୍ଦିମେଢ଼ ନିର୍ମାଣର ଶୁଭାରମ୍ଭ କରିଥିଲେ ।

## ନବରାତ୍ରୀ ପୂଜା

ଆଶ୍ୱିନମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇଛି ମା' ଜଗତଜନନୀ ଦୁର୍ଗାଙ୍କର ନବରାତ୍ର ପୂଜା । ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜି ମା'ଙ୍କୁ ସିଦ୍ଧିଧାତ୍ରୀ ବେଶରେ ସଜ୍ଜିତ କରାଯିବା ସହିତ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହେଉଛି ।

ଏ ସମ୍ପର୍କରେ ଆମ **ମାଲକାନଗିରି** ସମ୍ବାଦଦାତା **ଦୁର୍ଗାପ୍ରସାଦ ପଟ୍ଟନାୟକ**ଙ୍କ ରିପୋର୍ଟ....

# - V/O –

## ନୋବେଲ ଶାନ୍ତି ପୁରସ୍କାର

ଜାପାନ୍‌ର ଏକ ସଂଗଠନ ନିହନ୍ ହିଡାନ୍‌କ୍ୟୁଙ୍କୁ ଚଳିତବର୍ଷର ନୋବେଲ ଶାନ୍ତି ପୁରସ୍କାର ମିଳିବ । ନରୱେ ନୋବେଲ୍ କମିଟି ପକ୍ଷରୁ ଶାନ୍ତି ପୁରସ୍କାର ପାଇଁ ଜାପାନ୍‌ର ଏହି ସଂସ୍ଥାକୁ ଚୟନ କରାଯାଇଛି । ନୋବେଲ୍ କମିଟିର ସୂଚନା ଅନୁସାରେ, ନିହନ୍ ହିଡାନ୍‌କ୍ୟୁ ସଂସ୍ଥା ପରମାଣୁ ଅସ୍ତ୍ର ବିରୋଧିର ବାର୍ତ୍ତା ନେଇ ଜାପାନ୍‌ର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଛି । ବିଶ୍ୱରେ ଭବିଷ୍ୟତରେ ଯେଭଳି ପରମାଣୁ ଅସ୍ତ୍ର ବ୍ୟବହାର ହେବନାହିଁ ସେ ସମ୍ବନ୍ଧରେ ବାର୍ତ୍ତା ଦେଉଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ହିରୋସୀମା ଏବଂ ନାଗାସାକି ସହର

ଉପରେ ପରମାଣୁ ବୋମାର ପ୍ରୟୋଗ ଯୋଗୁଁ ପ୍ରଭାବିତ ପ୍ରାଣୀ ଓ ମନୁଷ୍ୟ ସମାଜ ପାଇଁ ଏହି ସଂସ୍ଥା କାର୍ଯ୍ୟ କରୁଛି। ବର୍ତ୍ତମାନସୁଦ୍ଧା ନୋବେଲ କମିଟି ପକ୍ଷରୁ ଭେଷଜ, ସାହିତ୍ୟ ଓ ଶାନ୍ତି ପାଇଁ ପୁରସ୍କାର ଘୋଷଣା କରିଛି।

## ନୋଏଲ ଟାଟା ନୂତନ ଅଧ୍ୟକ୍ଷ

ଟାଟା ସନ୍ସର ସେବାନିବୃତ୍ତ ଅଧ୍ୟକ୍ଷ ରତନ ଟାଟାଙ୍କ ବିୟୋଗ ପରେ ଟାଟା ଟ୍ରଷ୍ଟ ପକ୍ଷରୁ ନୋଏଲ ଟାଟାଙ୍କୁ ନୂତନ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ନୋଏଲ ପୂର୍ବରୁ ସାର୍ ଦୋରାବଜୀ ଟାଟା ଟ୍ରଷ୍ଟ ଏବଂ ସାର୍ ରତନ ଟାଟା ଟ୍ରଷ୍ଟର ଟ୍ରଷ୍ଟି ଅଛନ୍ତି। ୧୯୯୮ରେ ଗୋଟିଏ ଷ୍ଟୋରରୁ ୭୦୦ରୁ ଅଧିକ ଷ୍ଟୋରସ୍‌କୁ ଟ୍ରେଣ୍ଟ ବିସ୍ତାର କରିବାରେ ନୋଏଲ ଟାଟା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୨୦୧୯ରେ ସାର୍ ରତନ ଟାଟା ଟ୍ରଷ୍ଟବୋର୍ଡରେ ଯୋଗଦେଇଥିଲେ। ନୋଏଲ ଟାଟା ରତନ ଟାଟା ଟ୍ରଷ୍ଟର ଷଷ୍ଠ ଅଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଛନ୍ତି।

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଆଜି ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ । ଲିଙ୍ଗଗତ ସମାନତା ଏବଂ କନ୍ୟା ସନ୍ତନକୁ ସମାନ ସୁଯୋଗ ଦେବା ନେଇ ଆଜି ଅନ୍ତର୍ଜାତୀୟ ବାଳିକା ଦିବସ ପାଳନ କରାଯାଉଛି । ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ଶିକାର ନ ହେବାପାଇଁ ସଚେତନତାମୂଳକ ବାର୍ତ୍ତା ଦିଆଯାଉଛି । ଚଳିତ ବର୍ଷ ଅନ୍ତର୍ଜାତୀୟ

କନ୍ୟାସନ୍ତାନ ଦିବସର ବିଷୟ ରହିଛି "ଶିଶୁକନ୍ୟା ଭବିଷ୍ୟତ ପାଇଁ ଦିଗ୍‌ଦର୍ଶନ" । ସମଗ୍ର ବିଶ୍ୱରେ ଝିଅମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ କରିବା ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ବିଶ୍ୱରେ ଶିକ୍ଷାର ଅଗ୍ରଗତି ସତ୍ତ୍ୱେ ୧୨୨ ନିୟୁତ ବାଳିକା ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ଅଛନ୍ତି। ଶିଶୁ ଅଧିକାର ସୁରକ୍ଷା ସମ୍ବନ୍ଧିତ ଜାତୀୟ କମିଶନର ରିପୋର୍ଟ ଅନୁସାରେ, ଗତବର୍ଷ ଦେଶର ପ୍ରାୟ ୧୧ ଲକ୍ଷ ଶିଶୁଙ୍କୁ ବାଲ୍ୟବିବାହ କବଳରୁ ଉଦ୍ଧାର କରାଯାଇଥିଲା।

ଶକ୍ତିପୂଜା ଏବଂ କନ୍ୟାସନ୍ତାନଙ୍କୁ ସ୍ନେହ, ଆଦର ଓ ସମ୍ମାନ ପରମ୍ପରାକୁ ବଜାୟ ରଖିବା ପାଇଁ ଜାତିସଂଘର ସଂସ୍ଥା-ୟୁନିସେଫ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

୨୦୧୧ ମସିହା ଡିସେମ୍ବର ମାସ ୧୯ ତାରିଖରେ ଜାତିସଂଘ ସାଧାରଣ ପରିଷଦରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳନ ପାଇଁ ପ୍ରସ୍ତାବ ପାରିତ ହେବା ବରେ ୨୦୧୨ ମସିହାରୁ ବିଶ୍ୱସ୍ତରରେ ଏହି ଦିବସ ପାଳନ କରାଯାଉଛି ।

## ଅଣ୍ଡା ଦିବସ

ଆଜି ହେଉଛି ବିଶ୍ୱ ଅଣ୍ଡା ଦିବସ। ଜୀବନଧାରଣ ନିମନ୍ତେ ଅଣ୍ଡା ଏକ ଉତ୍ତମ ଖଣିଜ ଲବଣ ଓ ଭିଟାମିନ୍‌ରେ ଭରପୂର ପୁଷ୍ଟିସାରଯୁକ୍ତ ଖାଦ୍ୟ। ଯାହାକି, ଆମର ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି। ଏହା ଏକ ସାର୍ବଜନୀନ ଖାଦ୍ୟ ହୋଇଥିବାରୁ ଏ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଅଣ୍ଡା ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର

ବାର୍ତ୍ତା ରହିଛି 'ଅଣ୍ଡାଦ୍ୱାରା ଏକତ୍ରିତ ହେବା'। ମାନବ ଶରୀରରେ ଜୀବକୋଷ ଗଠନ ପାଇଁ ଅତ୍ୟାବଶ୍ୟକ ଆମିନୋ ଏସିଡ୍ ମିଶ୍ରିତ ଅଣ୍ଡା ପୁଷ୍ଟିସାର ଯୋଗାଇଥାଏ। ମାଆ କ୍ଷୀର ପରେ ପୁଷ୍ଟି ଦୃଷ୍ଟିରୁ ଅଣ୍ଡା ହେଉଛି ଦ୍ୱିତୀୟ। ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି। ରାଜ୍ୟରେ ଏବେ ଦୈନିକ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଅଣ୍ଡା ଉତ୍ପାଦନ ହେଉଛି।

*********************************